ଶନିବାର, ୬ ସେପ୍ଟେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 51 Years



# ଖିଲି ଖିଲି ହସ

ଶିକ୍ଷକ କ୍ଲାସରେ ପିଲାଙ୍କୁ ପଚାରିଲେ, ଆଚ୍ଛା ପିଲାମାନେ ! କହିଲ ମନୁଷ୍ୟ ଦୃଷ୍ଟିଶକ୍ତି ଭଲ ନା ଚଢ଼େଇମାନଙ୍କର ?
ରିଙ୍କୁ କହିଲା– ସାର୍, ଚଢ଼େଇମାନଙ୍କର।
ଶିକ୍ଷକ: କିପରି ?
ରିଙ୍କୁ: ସାର୍, ମୁଁ ଦେଖିଛି ଚଢ଼େଇମାନେ କେବେ ଚଷମା ଲଗାନ୍ତି ନାହିଁ।

କ୍ଲାସରେ ପଢ଼ାଉଥିବା ସମୟରେ ଥରେ ଶିକ୍ଷକ ପିଲାଙ୍କୁ ପଚାରିଲେ, ପିଲାମାନେ, ତୁମମାନଙ୍କର ତ ବିଭିନ୍ନ ବିଷୟରେ କିଛି ନା କିଛି ଜ୍ଞାନ ଥିବ। ମୁଁ ଆଜି ତୁମକୁ ଏକ ସରଳ ପ୍ରଶ୍ନ ପଚାରିବି। ଟିକେ ଚିନ୍ତା କରି ଉତ୍ତର ଦେବ। ଆଦୌ ତରତର ହେବ ନାହିଁ। ତେବେ କହିଲ, ଆମ ପାଖରେ ଏମିତି ଏକ ଜିନିଷ ଅଛି ଯାହା ବହୁତ ପବିତ୍ର ?
କିଛି ସମୟ ଚିନ୍ତା କରିବା ପରେ ଜଣେ ଛାତ୍ର ଉତ୍ତର ଦେବାକୁ ଠିଆ ହେଲା ଆଉ କହିଲା– ସାର୍, ମୋବାଇଲ୍।
ଶିକ୍ଷକ: (ରାଗିଯାଇ) କେମିତି ?
ଛାତ୍ର: କାରଣ ସେ ସବୁ ସ୍ଥାନରେ ଆମ ସାଥିରେ ଥାଏ। ଯେମିତିକି ମଶାଣି, ବାଥରୁମ୍, ଡାକ୍ତରଖାନା , ଠାକୁରଘର, ରୋଷେଇଘର ସବୁଠାରେ । ସେଥିପାଇଁ ସେ ପବିତ୍ର।

# ଶ୍ରେଷ୍ଠ ମାର୍ଗ

## ଗପ

ଗାଁ ମଝିରେ ଏକ ବିଶାଳ ଅଶ୍ୱତ୍ଥ ବୃକ୍ଷ ନିଜର ଶାଖା ପ୍ରଶାଖା ମେଲି ସମୟର ସାକ୍ଷୀ ଓ ଇତିହାସର ଚୌକିଦାର ହୋଇ ଠିଆ ହୋଇଥାଏ। ସୂର୍ଯ୍ୟାସ୍ତର ରକ୍ତିମ ଆଭାରେ ବୃକ୍ଷର ପତ୍ର ସବୁ ଝିଲିମିଲି ହେଉଥାଏ। ସେଇ ଗଛ ତଳେ ରାଘବ ସାତ ବର୍ଷର ପୁଅ ରମଣକୁ କୋଳରେ ଧରି ବସିଥାଏ। ମୃଦୁ ମଳୟ ସାଙ୍ଗକୁ ଚଢ଼େଇଙ୍କ କଳରବ ପରିବେଶକୁ ସଙ୍ଗୀତମୟ କରି ଦେଉଥାଏ।

ରମଣ ପଚାରିଲା– ବାପା ! ଏ ଗଛ କେତେ ପୁରୁଣା ? ରାଘବ କହିଲା– ବାପାରେ– ଏ ଗଛ ବହୁ ପୁରାତନ। ତୋ ଜେଜେବାପାଙ୍କ ଜେଜେବାପା ଏ ଗଛ ଲଗାଇଥିଲେ। କେତେ ଲୋକ ଆସି ଚାଲିଗଲେଣି, କେତେ ପିଢ଼ି ବିଦାୟ ନେଇସାରିଛି ତଥାପି ଗଛଟି ଆଜି ବି ସେମିତି ମୂକ ସାକ୍ଷୀ ହୋଇ ଛିଡ଼ା ହୋଇଛି।

ରମଣ ପୁଣିଥରେ ତା' ବାପାଙ୍କୁ ପଚାରିଲା–ଆଚ୍ଛା ବାପା, ଗଛ କ'ଣ କେବେ ଭୁଲ୍ କରେ ? ରାଘବ କହିଲା– ହଁରେ ବାପା, ଗଛ ବି କେବେ କେବେ ଭୁଲ୍ କରିଦିଏ। ହେଲେ ଆମପରି ନୁହେଁ। ଯଦି ତାକୁ ପାଣି କମ୍ ମିଳେ ଟାଣ ଖରାରେ ତା' ପତ୍ର ସବୁ ଝାଉଁଳି ଯାଏ। ପୁଣି କେବେ କେବେ ଶୁଖି ଝଡିପଡ଼େ। ପରନ୍ତୁ ସେ ହାର୍ ମାନେନି। ଶୁଖି ଶୁଖି ସେମିତି ବର୍ଷାକୁ ଅପେକ୍ଷା କରିଥାଏ। ଆଷାଢ଼ ମାସର ପହିଲି ବର୍ଷାରେ ପୁଣିଥରେ ନିଜକୁ ସତେଜ କରିବାକୁ ଅଣ୍ଟା ଭିଡ଼େ। ତା' ଶାଖା ପ୍ରଶାଖାରେ କଅଁଳ ପତ୍ର ଜନ୍ମ ନିଏ।



ରମଣ କରୁଣ ସ୍ୱରରେ କହିଲା– ବାପା ! ତୁମେ ମୋ ଉପରେ କେବେ ବି ରାଗିବ ନାହିଁ। ରାଘବ କହିଲା– ତୁ ଭୁଲ୍ କଲେ ତୋ ଉପରେ ରାଗିବି ନାହିଁ ହେଲେ ତୋତେ ବୁଝେଇଦେବି। ରାଗରେ ମୁଁ ଯଦି ତୋତେ ଭୟଭୀତ କରିବି ତା'ହେଲେ ତୁ ସତଠାରୁ ଦୂରେଇଯିବୁ। ଆଚ୍ଛା ମୁଁ ଯଦି ବହୁତ ବଡ଼ ଭୁଲ୍ କରିଦିଏ... ? ତଥାପି ମୁଁ ତୋ ହାତ ଛାଡ଼ିବି ନାହିଁ। ଭୁଲ୍‌କୁ ସୁଧାରିବା ଲାଗି ତୋତେ ମଉକା ଦେବି। ମଉକା ପାଇ ତୁ ସଂସ୍କାରିତ ହୋଇ ପାରିଲେ ମୁଁ ନିଜକୁ ଧନ୍ୟ ମନେକରିବି। ରମଣ ଖୁସି ମନରେ କହିଲା– ହଁ ବାପା ! ମୁଁ ନିଶ୍ଚୟ ମୋ ଭୁଲ୍‌କୁ ସୁଧାରିବାକୁ ଚେଷ୍ଟା କରିବି। ମୋ ସାଙ୍ଗମାନଙ୍କୁ ମଧ୍ୟ କହିବି ସେମାନେ କେବେ ଭୁଲ୍ କାମ କରିବେ ନାହିଁ।

ରାଘବ ପୁଅର ମହତ ପଣିଆରେ ବିଭୋର ହୋଇ ସ୍ନେହ ବନ୍ଧନରେ ଛାତିରେ ଆଉଜେଇ କହିଲା–ନିଜ ଭୁଲ୍‌କୁ ଯେଉଁମାନେ ସୁଧାରି ନିଅନ୍ତି ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇଥାଏ।

ଏତିକିବେଳେ ଅଶ୍ୱତ୍ଥ ବୃକ୍ଷର ପତ୍ର ସବୁ ପବନରେ ଫଡ୍ ଫଡ୍ ହେଲା। ଯେମିତି ପ୍ରକୃତି ସତରେ ରମଣକୁ ଭଲ ପିଲା ହେବା ପାଇଁ ଆଶୀର୍ବାଦ ଦେଉଛି। ରାଘବ ଭାବିଲା ପିଲାବେଳରୁ ଯଦି ସଂସ୍କାର ମିଳି ନ ଥାଏ ସେମାନେ ଭବିଷ୍ୟତରେ ବୋଝ ହୋଇଯାଆନ୍ତି। ଠିକ୍ ବିଚାର ତଥା ଠିକ୍ ସଂସ୍କାର ଅବୋଧ ପିଲାଙ୍କୁ ଶ୍ରେଷ୍ଠ ମାର୍ଗ ଦେଖାଇଥାଏ। ସମୟ ସହିତ ସେସବୁକୁ ସଜାଡ଼ିବା ଆମମାନଙ୍କର କର୍ତ୍ତବ୍ୟ।

**– ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି–୭୪, ସଲ୍ଟ ଲେକ୍, କୋଲକାତା
ମୋ: ୯୬୮୧୩୭୩୫୧୨

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଜାଣନ୍ତି କି !

❖ ମଣିଷ ଶରୀରରେ କେଶ କିମ୍ବା ଲୋମ ତୁଳନାରେ ସବୁଠୁ ଶୀଘ୍ର ବଢିଥାଏ ଦାଢ଼ି।
❖ ପ୍ରତ୍ୟେକ ମଣିଷଙ୍କ ଶରୀରର ଗନ୍ଧ ଭିନ୍ନ ଭିନ୍ନ ହୋଇଥାଏ, ମାତ୍ର କେତେକ କ୍ଷେତ୍ରରେ କେବଳ ଯାଆଁଳା ସନ୍ତାନଙ୍କ ଶରୀରର ଗନ୍ଧ ଏକାପରି।
❖ ମନୁଷ୍ୟ ଛୁଆଙ୍କ କ୍ଷେତ୍ରରେ ତିନିମାସର ହେବା ପରେ ଫିଙ୍ଗର ପ୍ରିଣ୍ଟ ନେବା ସମ୍ଭବ ହୋଇପାରେ।
❖ ପ୍ରତ୍ୟେକ ମଣିଷଙ୍କର ଜିଭ ଅଲଗା ହୋଇଥାଏ। ସେଥିପାଇଁ ଜିଭର ଛାପ ମଧ୍ୟ ସମସ୍ତଙ୍କର ଭିନ୍ନ ହୋଇଥାଏ।
❖ ଅନ୍ୟ ସବୁ ନଖ ତୁଳନାରେ ହାତର ମଝିଅଙ୍ଗୁଳିର ନଖ ଶୀଘ୍ର ବଢିଥାଏ।
❖ ପ୍ରତିଦିନ ଆମ ପାଟିରୁ ପ୍ରାୟ ୧ ଲିଟର ସାଲିଭା ତିଆରି ହୋଇଥାଏ।
❖ ବେଳେବେଳେ ଶୋଇଥିବା ସମୟରେ ଆମ ମସ୍ତିଷ୍କ ଅଧିକ ସକ୍ରିୟ ହୋଇଥାଏ।
❖ ପିଲା ଜନ୍ମ ହେବାପରେ ୧ ମାସ ନ ହେବା ଯାଏ ତା' ଆଖିରେ ଲୁହ ଆସି ନ ଥାଏ।
❖ ବାମପଟର ଫୁସଫୁସ ଡାହାଣ ପଟ ଫୁସଫୁସ ତୁଳନାରେ ୧୦ ପ୍ରତିଶତ ଛୋଟ ହୋଇଥାଏ।
❖ ମଣିଷର ଦାନ୍ତ ସାର୍କ ମାଛର ଦାନ୍ତ ଭଳି ଶକ୍ତ।
❖ ମଣିଷ ହେଉଛି ଏକମାତ୍ର ପ୍ରାଣୀ, ଯିଏ ଲାଜ କରେ।
❖ ଏକ ମିନିଟ୍‌ରେ ୨୦ ଥର ଆଖିର ପଲକ ପଡିଥାଏ। ତେଣୁ ବର୍ଷକୁ ଏହା ୧୦ ମିଲିଅନ୍ ଥର ହୋଇଥାଏ।
❖ ରାତିରେ ଶୋଇବା ସମୟ ତୁଳନାରେ ସକାଳୁ ଉଠିବା ବେଳକୁ ଆମର ଉଚ୍ଚତା ପ୍ରାୟ ୧ ସେଣ୍ଟିମିଟର ଅଧିକ ଥାଏ। ଏହାର କାରଣ ହେଉଛି ଦିନବେଳେ ଶରୀରର ହାଡ ମଧ୍ୟରେ ଥିବା ନରମ ପଦାର୍ଥ କମି ଯାଇଥାଏ ଓ ଚାପି ହୋଇ ଯାଇଥାଏ।

# ମତାମତ

▶▶ 'ସେଲଫ ଷ୍ଟଡିଜ୍' ପାଠଟିରୁ ପିଲାମାନେ କିପରି ନିଜକୁ ପାଠପଢ଼ାରେ ନିୟୋଜିତ କରିବେ ସେ ବିଷୟରେ ଜାଣିହେଲା।

**–ପୀୟୂଷ ରାଉତ, ରାଉରକେଲା**

▶▶ 'ଜଣା ଅଜଣା' ସ୍ତମ୍ଭରୁ କ୍ଷିପ୍ର ବେଗରେ ଉଡୁଥିବା କେତେକ ଚଢ଼େଇଙ୍କ ବିଷୟରେ ଅନେକ କଥା ଜାଣିହେଲା।

**–ରୋହନ ରାୟ, ଢେଙ୍କାନାଳ**

▶▶ ଏଥର 'ଆଇନା' ପୃଷ୍ଠାରେ ପ୍ରକାଶିତ ଫଟୋଗୁଡ଼ିକ ସୁନ୍ଦର ହୋଇଥିଲା।

**–ମୀନାକ୍ଷୀ ମହାନ୍ତି, ଭୁବନେଶ୍ୱର**

# ରଙ୍ଗ ଦିଅ





# ଟକ୍ସିକ ଫ୍ରେଣ୍ଡ

**ସାଙ୍ଗ ତ ଅନେକ ଥାନ୍ତି। ହେଲେ ସମସ୍ତେ ଭଲ ସାଙ୍ଗ ହୋଇ ନ ଥାନ୍ତି। କେତେକ ସାଙ୍ଗଭଳି ରହନ୍ତି, ଖେଳାବୁଲା କରନ୍ତି ଆଉ ସମୟସୁଯୋଗ ମିଳିଲେ ଶତ୍ରୁତା ଆଚରଣ କରିବାକୁ ପଛାନ୍ତି ନାହିଁ। ଏଭଳି ସାଙ୍ଗମାନଙ୍କୁ କୁହାଯାଏ ଟକ୍ସିକ ଫ୍ରେଣ୍ଡ। ତେଣୁ ପିଲାମାନେ ନିଜ ବେଷ୍ଟ ଫ୍ରେଣ୍ଡ ଆଉ ଟକ୍ସିକ ଫ୍ରେଣ୍ଡ ମଧ୍ୟରେ ଥିବା ଫରକକୁ ଅନୁଭବ କରିବା ଦରକାର।**

କଥାରେ ଅଛି ଦୁର୍ଜନ ସଙ୍ଗେ କଲେ ବାସ ନିଶ୍ଚେ ହୋଇବ ସର୍ବନାଶ। ଅର୍ଥାତ୍ ଦୁଷ୍ଟ ଲୋକ ବା ଖରାପ ସାଙ୍ଗ (ଟକ୍ସିକ ଫ୍ରେଣ୍ଡ) ଠାରୁ ଦୂରେଇ ରହିବା ଦରକାର। ନଚେତ୍ ପଥ ହୁଡିବାର ଆଶଙ୍କା ରହିଥାଏ। ସବୁ କ୍ଷେତ୍ରରେ ଉନ୍ନତି କରିବାକୁ ହେଲେ କିଏ ବେଷ୍ଟ ଫ୍ରେଣ୍ଡ ଆଉ କିଏ ଟକ୍ସିକ ଫ୍ରେଣ୍ଡ ତାହା ଜଣିବା ଦରକାର। ବନ୍ଧୁତା ହେଉଛି ଜୀବନର ସର୍ବୋତ୍ତମ ସୁଖଦ ଅନୁଭବ। ଭଲ ସାଙ୍ଗଟିଏ ସୁଖଦୁଃଖ ସବୁ ସମୟରେ ପାଖରେ ରହେ। ସବୁବେଳେ ଉନ୍ନତି ଚାହେଁ। ଏମିତିକି କୌଣସି ପ୍ରକାରର ଭୁଲ୍ ହୋଇଗଲେ ଶତ୍ରୁତା ଆଚରଣ କରିବା ବଦଳରେ ଆମ ସହିତ ରହିଥାଏ। ହେଲେ ସାଙ୍ଗମାନଙ୍କ ମଧ୍ୟରେ ଏମିତି କେତେଜଣ ଥାନ୍ତି ଯେଉଁମାନେ ଭଲ ସାଙ୍ଗ ବୋଲି କୁହନ୍ତି କିନ୍ତୁ ପ୍ରକୃତ ଅର୍ଥରେ ସେମାନେ ଉନ୍ନତି ସହିପାରନ୍ତି ନାହିଁ ଓ ବ୍ୟାପକ ଅର୍ଥରେ ଦେଖିଲେ କ୍ଷତି କରିବାକୁ ଚାହାନ୍ତି। ଏଭଳି ସାଙ୍ଗମାନେ ଧୀରେ ଧୀରେ ଆତ୍ମବିଶ୍ୱାସ ଦୁର୍ବଳ କରିଦିଅନ୍ତି ଓ ଜୀବନର ସୁଖ ଶାନ୍ତି ଛଡାଇ ନିଅନ୍ତି। ବେଷ୍ଟ ଫ୍ରେଣ୍ଡମାନେ ଶକ୍ତି ସାମର୍ଥ୍ୟଭାବେ ପାଖରେ ରହୁଥିବାବେଳେ ଟକ୍ସିକ ଫ୍ରେଣ୍ଡ ଦୁର୍ବଳତା ବା ବିଫଳତାର କାରଣ ପାଲଟି ଯାଆନ୍ତି। ତେଣୁ ପିଲାମାନେ ନିଜର ଏଇ ପ୍ରକାର ବନ୍ଧୁମାନଙ୍କ ମଧ୍ୟରେ ଥିବା ଫରକ ଅନୁଭବ କରିବା ଦରକାର।

## ସଫଳତାରେ ଈର୍ଷା

ପ୍ରକୃତ ବନ୍ଧୁ ସଫଳତା ଶୁଣିଲେ ଖୁସି ହୁଅନ୍ତି। ମାତ୍ର ଟକ୍ସିକ ଫ୍ରେଣ୍ଡ ସଫଳତାରେ ଈର୍ଷା କରନ୍ତି। ସିଧାସଳଖ କିଛି ନ କହିଲେ ବି ଅନ୍ୟମାନଙ୍କ ଆଗରେ ନିନ୍ଦା କରନ୍ତି। ପ୍ରକୃତ ଅର୍ଥରେ ସେମାନେ ଅଧିକ ସଫଳ ବୋଲି ତୁଳନା କରି ଦର୍ଶାଇଥାନ୍ତି। କିଛି ଦିନ ମିଶିବା ପରେ ସାଙ୍ଗମାନଙ୍କ କଥାବାର୍ତ୍ତା ଓ ବ୍ୟବହାରରୁ ଏସବୁ ଅନୁଭବ କରିହେବ। ତେଣୁ ଏଭଳି ସାଙ୍ଗମାନଙ୍କୁ ଚିହ୍ନିବା ପରେ ସେମାନଙ୍କ ଠାରୁ ଯଥାସମ୍ଭବ ଦୂରତା ରଖିବା ଦରକାର।



## ସଚ୍ଚୋଟପଣିଆ

ଭଲ ବନ୍ଧୁଟିଏ ସବୁବେଳେ ସତ ଘଟଣା କହିବ ଓ ପ୍ରକୃତ ସତ୍ୟ ପ୍ରକାଶ କରିବ। ହୁଏତ ସେହି ସତ ଶୁଣିବା ପାଇଁ କଷ୍ଟ ଲାଗିପାରେ, ହେଲେ ଭବିଷ୍ୟତ ପାଇଁ ସଚେତନ ହେବାର ସୁଯୋଗ ମିଳିବ, ଆଉ ନିଜର ଭୁଲ୍ ସୁଧାରିବା ପାଇଁ ସୁଯୋଗ ପାଇପାରିବେ। କିନ୍ତୁ ଏଭଳି କ୍ଷେତ୍ରରେ ଟକ୍ସିକ ଫ୍ରେଣ୍ଡମାନେ ସତ ଲୁଚାଇ ଚାଲାକିରେ ବ୍ୟବହାର କରି ନିଜର ସ୍ୱାର୍ଥ ହାସଲ କରନ୍ତି।

## ପ୍ରେରଣା

ବେଷ୍ଟ ଫ୍ରେଣ୍ଡ ଆପଣଙ୍କ ପରିଶ୍ରମ ଓ କୌଣସି ଚିନ୍ତାଧାରାକୁ ନେଇ ସକାରାତ୍ମକ ମନ୍ତବ୍ୟ ଦିଅନ୍ତି। କାମରେ ଅଧିକ ସଫଳତା ନିମନ୍ତେ ପ୍ରେରଣା ଦିଅନ୍ତି। ଏହା ଫଳରେ ଉତ୍ସାହର ସହିତ କାମ କରିବା ପାଇଁ ପ୍ରେରଣା ମିଳିବ। ଅନ୍ୟପକ୍ଷରେ ଖରାପ ସାଙ୍ଗମାନେ ଏହି ପରିସ୍ଥିତିରେ ନେଗେଟିଭ୍ କଥା କହି ଥଟ୍ଟା ପରିହାସ କରନ୍ତି। ଭଲ ସାଙ୍ଗମାନେ ଅନ୍ୟଜଣେ ସାଙ୍ଗର କୌଣସି ପ୍ରକାରର ସଫଳତାରେ ଖୁସି ହୁଅନ୍ତି। ଅନ୍ୟପକ୍ଷରେ ଟକ୍ସିକ ଫ୍ରେଣ୍ଡ ଖୁସି ହେବା ଭଳି ଅଭିନୟ କରନ୍ତି କିନ୍ତୁ ବିଭିନ୍ନ ପ୍ରକାରର ଅସୁବିଧା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି। ଏମିତିକି ସେମାନେ ଅନ୍ୟମାନଙ୍କ ଆଗରେ ନିନ୍ଦା କରିବାକୁ ବି ପଛାନ୍ତି ନାହିଁ।

## ଭରସା

ଖରାପ ସାଙ୍ଗମାନଙ୍କ ଉପରେ ଆଦୌ ଭରସା କରି ହେବନି। ଠିକ୍ ସମୟରେ ସେମାନେ ଅସୁବିଧାରେ ପକାଇବା ପାଇଁ ସୁଯୋଗ ସୃଷ୍ଟି କରିଦିଅନ୍ତି। ହେଲେ ଭଲ ସାଙ୍ଗଟିଏ ଅସୁବିଧା ଯେପରି ନ ହେବ ସେଥିପାଇଁ ସବୁ ପ୍ରକାରର ଚେଷ୍ଟା କରନ୍ତି। ସେମାନେ ଯାହା କରିବା ପାଇଁ କଥା ଦେଇଥାନ୍ତି ସେହି ଅନୁସାରେ ଚେଷ୍ଟା ବି କରନ୍ତି। ସାଙ୍ଗମାନଙ୍କ ସହିତ କିଛି ଦିନ ମିଶିବା ପରେ ଧୀରେ ଧୀରେ ଏଭଳି ଅନେକ ପ୍ରଭେଦକୁ ଅନୁଭବ କରିହେବ। ତେଣୁ ଏନେଇ ସଚେତନ ହୋଇ ଲକ୍ଷ୍ୟ କରିବାକୁ ହେବ।

## ଅଭିଭାବକଙ୍କ ପରାମର୍ଶ

ପିଲାମାନେ ସାଧାରଣତଃ ଭଲ ମନ୍ଦର ଫରକ ଜାଣିବା ପାଇଁ ବହୁତ ସମୟ ଲାଗିଥାଏ। ତେଣୁ ସେମାନେ ସହଜରେ ଟକ୍ସିକ ଫ୍ରେଣ୍ଡମାନଙ୍କୁ ଜାଣିପାରନ୍ତି ନାହିଁ। ଏଭଳି କ୍ଷେତ୍ରରେ ଅଭିଭାବକଙ୍କର ସହାୟତା ନେବା ଉଚିତ ହେବ। ସାଙ୍ଗମାନଙ୍କ ସହିତ ପ୍ରତ୍ୟେକ ଦିନର କାର୍ଯ୍ୟକଳାପ ସମ୍ପର୍କରେ ଘରେ ଅଭିଭାବକଙ୍କୁ ଜଣାନ୍ତୁ। ଏଭଳି ହେଲେ ଅଭିଭାବକମାନେ ସହଜରେ ସାଙ୍ଗମାନଙ୍କ ଉଦ୍ଦେଶ୍ୟ ଜାଣିପାରିବେ ଓ ଭୁଲ୍ ଠିକ୍ କ'ଣ ସେ ସମ୍ପର୍କରେ ଜଣାଇପାରିବେ। ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ସାଙ୍ଗମାନଙ୍କ ସହିତ ମିଶିଲେ ଭବିଷ୍ୟତରେ କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ଏକ ନିର୍ଦ୍ଦିଷ୍ଟ ବୟସ ଆସିଲେ ଏସବୁ ବିଷୟରେ ଆପେ ଆପେ ଜାଣିପାରିବେ, କିନ୍ତୁ ପିଲାମାନେ ସବୁବେଳେ ଘରେ ଗୁରୁଜନଙ୍କ ଆଗରେ ସବୁକଥା ପ୍ରକାଶ କରନ୍ତୁ।

## ଏମାନେ କ'ଣ କରନ୍ତି

### ବହୁତ ସାଙ୍ଗ ଅଛନ୍ତି



ମୋର ତ ସବୁ ସାଙ୍ଗ ବହୁତ ଭଲ। ହେଲେ ଜଣଙ୍କ ସାଙ୍ଗରେ ମୋର ଥରେ ଝଗଡ଼ା ହୋଇଯାଇଥିଲା। କାହିଁକିନା କ୍ଲାସରେ ସବୁବେଳେ ମୁଁ ଯାହା କହେ ସିଏ ସେ କଥାକୁ ବିରୋଧ କରି ଯୁକ୍ତି କରେ। ଏକଥା ଥରେ ବାବାଙ୍କ ଆଗରେ କହିଥିଲି, ଆଉ ତା' ସହିତ ଅଧିକ ମିଳାମିଶା ନ କରିବା ପାଇଁ ବାବା କହିଥିଲେ। ତା' ପରଠାରୁ ତା' ସାଙ୍ଗରେ ଖାଲି ଅଳ୍ପ ସାଙ୍ଗ ହେଉଛି। ଝଗଡା ଯେମିତି ନ ହେବ ସେଥିପାଇଁ ଅଳ୍ପ କଥାବାର୍ତ୍ତା ହେଉଛି। ଯେଉଁମାନେ ତା' ସହିତ ବେଶି ସାଙ୍ଗ ହୁଅନ୍ତି ସେମାନେ ମୋର ବେଷ୍ଟ ଫ୍ରେଣ୍ଡ ନୁହନ୍ତି। ନ ହେଲେ ମୋର ବହୁତ ଭଲ ସାଙ୍ଗ ଅଛନ୍ତି।

**– ନର୍ମଦା ମହାନ୍ତି**
କ୍ଲାସ–୪, ସେଣ୍ଟ ଜାଭିୟର ହାଇସ୍କୁଲ, ବାରବାଟୀ ଷ୍ଟାଡିୟମ, କଟକ

### ସମସ୍ତଙ୍କ ସହ କଥାବାର୍ତ୍ତା ହୁଏ



ସ୍କୁଲରେ ମୁଁ ଅଳ୍ପ କେତେଜଣଙ୍କ ସହିତ ସାଙ୍ଗ ହୁଏ। ସେମାନେ ସମସ୍ତେ ମୋର ଭଲ ସାଙ୍ଗ। ମୋର କାହା ସହିତ କେବେ ଝଗଡା ହେଇନି। ସମସ୍ତେ ଆମେ ଏକାଠି କଥାବାର୍ତ୍ତା ହେଉ ଓ ଏକାଠି ଟିଫିନ୍ ଖାଉ। କ୍ଲାସରେ କୌଣସି ପାଠ ଜାଣି ନ ପାରିଲେ ପ୍ରଥମେ ପରସ୍ପର ଭିତରେ କଥାବାର୍ତ୍ତା ହେଉ। ଆମେ ଚାରି ଜଣ ସାଙ୍ଗ ପ୍ରାୟ ସବୁ ସମୟରେ ଏକାଠି ସବୁ କାମ କରୁ। ବାକି କ୍ଲାସର ଅନ୍ୟ ସବୁ ସାଙ୍ଗମାନଙ୍କ ସହିତ ଭଲ କଥାବାର୍ତ୍ତା ଓ ବ୍ୟବହାର କରୁ। ତେଣୁ ମୋର କେହି ବି ଶତ୍ରୁ ନାହାନ୍ତି। ତେବେ ଖରାପ ସାଙ୍ଗମାନଙ୍କ ଠାରୁ ମୁଁ ଦୂରେଇ ରହିବାକୁ ଚେଷ୍ଟା କରେ।


**– ମନିଷା ପୁହାଣ**
କ୍ଲାସ–୬, ନାରାୟଣ ସ୍କୁଲ, ବାଲିଅନ୍ତା, ଭୁବନେଶ୍ୱର





୧



୨




୩




୮



୪




୫



୬



୭



୯



୧ **ଏସ୍. ଜି. ଶ୍ରଦ୍ଧା ସାଗରିକା**
କ୍ଲାସ-୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସଏସ୍ ନଗର, ଭୁବନେଶ୍ୱର

୨ **ଶ୍ରୀଦିକସା ଦେହୁରୀ**
କ୍ଲାସ-୨, ସେଣ୍ଟ ଜନ୍ ସ୍କୁଲ, ବୌଦ୍ଧ





୩ **ଆହିଲ ସାହୁ**
କ୍ଲାସ-୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଦ୍ମପୁର, ବରଗଡ଼

୪ **ଦେବହୁତି ବରଦାଲକ୍ଷ୍ମୀ**
କ୍ଲାସ- ୨, ଦୀପ୍ତି କନଭେଣ୍ଟ ସ୍କୁଲ, ରାୟଗଡ଼ା





୫ **ରୋନଭ ଅଗ୍ରୱାଲ**
କ୍ଲା-୫, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ

୬ **ସାନଭି ପ୍ରିୟଦର୍ଶିନୀ**
କ୍ଲାସ-୨, ସେଣ୍ଟ ଜାଭିୟର ହାଇସ୍କୁଲ, ଏରସମା, ଜଗତସିଂହପୁର





୭ **ଆଦିତ୍ୟ ପଟ୍ଟନାୟକ**
କ୍ଲାସ- ୪, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର

୮ **ଉଲ୍ଲାସ ପଣ୍ଡା**
କ୍ଲାସ- ୧୦, ଗୁରୁ ନାନକ ପବ୍ଲିକ ସ୍କୁଲ, ସମ୍ବଲପୁର





୯ **ବେଦାଂଶ ପତି**
କ୍ଲାସ- ୧, ସେଣ୍ଟ ପାଲ୍ସ ସ୍କୁଲ, ରାଉରକେଲା

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ସର୍ବ କନିଷ୍ଠ ସ୍ତମ୍ଭକାର

ପରିବେଶ ପ୍ରଦୂଷଣ ରୋକିବା ଓ ବିଲୁପ୍ତ ପ୍ରାଣୀଙ୍କୁ ସୁରକ୍ଷା ଦେବା ଭଳି କାମ ସବୁ ବୟସ୍କ ଲୋକେ ହିଁ କରିଥାନ୍ତି। ଏହି ଧାରଣା ରହିଥାଏ ପ୍ରାୟ ସମସ୍ତଙ୍କର। କିନ୍ତୁ ଏଭଳି ଅଭିଜ୍ଞ ଚିନ୍ତାଧାରାକୁ ଖୁବ୍ କମ୍ ବୟସରୁ ଆପଣାଇ ସାରା ବିଶ୍ୱକୁ ଚକିତ କରିଛନ୍ତି ଆମେରିକାର ଅନେଶ୍ୱର କୁଞ୍ଚାଲା। ମାତ୍ର ୮ ବର୍ଷ ବୟସରୁ ସେ ପାଲଟିଛନ୍ତି ଜଣେ ସ୍ତମ୍ଭକାର ଓ ଡକ୍ୟୁମେଣ୍ଟାରୀ ସିନେମା ପ୍ରଯୋଜକ। ଏହି ମାଧ୍ୟମରେ ସେ ପରିବେଶ ଓ ବିଲୁପ୍ତ ପ୍ରାଣୀଙ୍କ ସମ୍ପର୍କରେ ବିଭିନ୍ନ ପ୍ରକାରର ସଚେତନତା ସୃଷ୍ଟି କରିବାର ଉଦ୍ୟମ ଚଳାଇଛନ୍ତି। ସେଥିପାଇଁ ସାରା ବିଶ୍ୱରେ ଏବେ ସେ ଜଣେ ପରିଚିତ ନାମ ପାଲଟିଛନ୍ତି। ଏମିତିକି ବିଶ୍ୱର ସର୍ବକନିଷ୍ଠ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତକାରୀ ଓ ସର୍ବକନିଷ୍ଠ ସ୍ତମ୍ଭକାର ହୋଇ ପାରିଛନ୍ତି। ଏହି ଦୃଷ୍ଟିରୁ ତାଙ୍କୁ ଗିନିଜ୍ ରେକର୍ଡରେ ମଧ୍ୟ ସ୍ଥାନ ମିଳିଛି।

ଅନେଶ୍ୱର ପରିବେଶକୁ ନେଇ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିଥିଲେ ଯେତେବେଳେ ତାଙ୍କୁ ବୟସ ହୋଇଥିଲା ମାତ୍ର ୭ ବର୍ଷ ୨୮୮ ଦିନ। ସେହିଭଳି ଖବର କାଗଜରେ ସ୍ତମ୍ଭ ଲେଖିବା ଆରମ୍ଭ କରିଛନ୍ତି ମାତ୍ର ୮ ବର୍ଷ ବୟସରେ। ସେ ତାଙ୍କ ବାପାଙ୍କ ସହିତ ମିଶି ଡକ୍ୟୁମେଣ୍ଟାରୀ କରନ୍ତି ଓ ଏବେ ସୁଦ୍ଧା ପରିବେଶ ଉପରେ ୬୦ଟି ପ୍ରବନ୍ଧ ଲେଖି ସାରିଲେଣି। ତାଙ୍କର ଏଭଳି କାମ ଏବେ ପରିବେଶବିତ୍‌ଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଏସବୁ ବ୍ୟତୀତ ପରିବେଶ ସୁରକ୍ଷା ଥିମ୍‌ରେ ସେ ବିଭିନ୍ନ ପ୍ରକାରର ଚିତ୍ର ମଧ୍ୟ ଆଙ୍କିଛନ୍ତି, ଯାହାକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ମିଳିଛି।

## କବିତା



### ଗଛ ଲଗାଇବା କାହା ପାଇଁ

କହିଲେ ଅଜା ଶୁଣରେ ମୁନା ଗଛ ଲଗାଇବା ପାଇଁ
ଖୋଳୁଛି ଗାତ ସାର ଓଷଧ ଗୋବର ଦେବା ତହିଁ।
ବରଷା ହେଲେ ରୋଇବା ଗଛ ହୋଇବ ଧୀରେ ବଡ଼
କେତେ ବିପଦୁ ରଖିବ ସିଏ ସହି ବତାସି ଝଡ଼।
ଦେବ ଆମକୁ ଅମଳଜାନ କେଡ଼େ ଶୀତଳ ଛାଇ
ଫଳ ଫୁଲରେ ଉଠିବ ପୂରି ଦେଖିବ ଦୁଇ ଭାଇ।
ରଖିବ ସଫା ପରିବେଶକୁ ଦେବ ଝୁଣା ଓ ଲାଖ
ଜାତି ଜାତିକା ପରଜାପତି ଉଡ଼ିବେ ଆଖ ପାଖ।
କୋଇଲି ବସି ଗାଇବ ଗୀତ ଭଅଁର ଥିବେ ଉଡ଼ି
ମହୁମାଛି ଯେ ଶୋଷିବେ ମହୁ ବସି ଫୁଲର କଢ଼ି।
ମୁନା ଓ କୁନା କହିଲେ ଅଜା ବୟସ ତୁମ କେତେ
ସତୁରୀ ଆସି ହେଲାଣି ପରା ସପନ ଦେଖ ଏତେ।
ବଢ଼ିବ ଗଛ ଫଳିବ ଫଳ ଖାଇବ କେବେ ତୁମେ
କହିଲେ ଅଜା ଖାଉଛେ ଯାହା ରୋଇଥିଲେ କି ଆମେ।
ଥିଲେ କେ ରୋଇ ଆମେ ଖାଉଛେ ଆମେ ରୋଇବା ଏବେ
ପରେ ଆସି ଖାଇବେ ଫଳ ଖୁସି ହୋଇବେ ତେବେ।
ଭଲ କଥାଟି କହିଲ ଅଜା ଖୁସି ହୋଇଲୁ ଆମେ
ମଠ ନ କରି ଲାଗିବୁ ଏବେ ଗଛ ଲଗାଇବା କାମେ।

**– ଲୀଳାବତି ପରିଡ଼ା**
କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୮୬୧୯୪୫୬୨୬

### ହେବି ମୁଁ ଦିନେ ବଡ଼



ବାଳୁତ ସୂରୁଯ ପହିଲି କିରଣ
ଆକାଶଟା ଦିଶେ ନାଲି
ଦେଖ କୁନି ପିଲା ମସିଣାରେ ଶୋଇ
ହସୁଅଛି ଖିଲି ଖିଲି।
ରହିଅଛି ଚାହିଁ ଦେଖିବ ଦୁନିଆ
ହେବ ବୋଲି ସୁନା ପିଲା
ଲେଖିଦେବ ନାଁ ଜାତି ଇତିହାସେ
ଥିବା ଯାଏ ଆଖି ଖୋଲା।
ଜୀବନ ଗଢ଼ିବ କରି ଉପକାର
ହୃଦେ ରଖି ଦୟା କ୍ଷମା
ଭୋକିଲା ପେଟରେ ଆହାର ଯୋଗାଇ
ସହି ପଛେ ଦୁଃଖ ସୀମା।
ମନରେ ଆଙ୍କିବ ଅସୀମ ଶକତି
ଦୃଢ଼ ରଖି ନିଜ ଚିତ୍ତ
ମହାପୁରୁଷଙ୍କ ତ୍ୟାଗ ବଳିଦାନ
ନ ହୋଇବ କେବେ ବ୍ୟର୍ଥ।
ସବୁରି ମନରେ ବୁଣିଦେ ସ୍ୱପ୍ନ
ଲଗାଇ ସ୍ନେହର ବାଡ଼
ଅପେକ୍ଷା କରଇ ସେଇ ସମୟକୁ
ହେବି ମୁଁ ଯେ ଦିନେ ବଡ଼।

**– ସତ୍ୟନାରାୟଣ ପ୍ରଧାନ**
ଅଣ୍ଡିଆ, ଜେନାପୁର, ଯାଜପୁର
ମୋ: ୯୧୭୮୩୧୩୬୪୪

### ବରଷା ରାଣୀ

ବରଷା ରାଣୀ ଲୋ ବରଷା ରାଣୀ,
ସଭିଙ୍କୁ ଛୁଇଁଯା ମେଲି ଓଢ଼ଣି।
ତୋ ସାଥେ ଆଣିବୁ ସୁଖ ସମୃଦ୍ଧି,
ସବୁଜିମା ହେବ ଶୁଷ୍କ ପୃଥିବୀ।
ବରଷି ଗଲେ ତୁ ଚାଷୀ କ୍ଷେତରେ,
ଆହାର ଦେବ ସେ ଜୀବ ପାଟିରେ।
ତାତିରେ ଅଶାନ୍ତ ସୁନ୍ଦର ମହୀ,
ଶୀତଳ ହୋଇବ ଆସିଲେ ତୁହି।
ଭସାଇବେ ଡଙ୍ଗା କୁନା ଓ ମୁନା,
ଲେଖିବେ ତୋ ପାଇଁ ଗୀତ, ରଚନା।
ବସିବ ବେଙ୍ଗୁଲୀ ବେଙ୍ଗଙ୍କ ସଭା
କେଁ କଟର ଶବ୍ଦେ ବଢ଼ିବ ଶୋଭା।
ବରଷା ରାଣୀ ତୁ ଦରଦୀ ସଖୀ,
ସଭିଏଁ ତୋ ପାଇଁ ସଂସାରେ ସୁଖୀ।

**– ସୁଜିତ କୁମାର ମିଶ୍ର**
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ଏଥର ର

- ଆଖିର କେଉଁ ଭାଗରେ ବସ୍ତୁର ପ୍ରତିବିମ୍ବ ସୃଷ୍ଟିହୁଏ ?
- ଶରୀରରେ କେଉଁ ତତ୍ତ୍ୱ କାରଣରୁ ତ୍ୱଚାର ରଙ୍ଗ ଭିନ୍ନ ଭିନ୍ନ ହୋଇଥାଏ ?
- ଶରୀରର କେଉଁ ଅଙ୍ଗର ପ୍ରତିରୋପଣ କରାଯାଏ ନାହିଁ ?
- ଉଦିତ ସୂର୍ଯ୍ୟର ଦେଶ ?
- ମରୁଭୂମି ନ ଥିବା ଦେଶ ?

## ଗତଥରର ଉତ୍ତର



- ସାଉଦି ଆରବ ଓ ମାଲଡାଇଭ୍ସ
- ୯
- ୧୮୯୬
- ଫ୍ରାନ୍ସ
- ଜର୍ଜ ଓରୱେଲ

## କହିଲ ଦେଖି



ସାରୁବୁଦା ମୂଳେ ଘର ତାହାର
ନିତି ହୁଏ ସେ କେଁ କଟର
ଛୋଟ ଛୋଟ ପୋକ ଆହାର ତା'ର
ଡେଇଁ ଡେଇଁ ବୁଲେ ବାରିରୁ ଘର
କହିକି ପାରିବ ନାମ ତାହାର !

**ଉ : ବେଙ୍ଗ**



କା କା କରି ସେ ରାବଇ
ନିଦରୁ ଆମକୁ ଦିଏ ଉଠାଇ
କା କା ସ୍ୱରେ ଗୀତ ଗାଆଇ
ଉଚ୍ଚ ପରବତେ ଉଡ଼ି ବୁଲଇ
କହିକି ପାରିବ ତା' ନାମ ଭାଇ !

**ଉ: କାଉ**



ଚୋରେଇ ଖାଏ ସେ ସର ଲବଣି
ମୂଷା ଧରି ଖାଏ କେତେ କେଜାଣି
କାହାକୁ ନ ଥାଏ ତାହାର ଡର
ଘର ଘର ବୁଲି ଖୋଜେ ଆହାର
କହିକି ପାରିବ ନାମ ତାହାର !


**ଉ: ବିଲେଇ**



ଗଣେଶ ବାହାନ ଅଟଇ ସିଏ
ଟୁକୁ ଟୁକୁ କରି ଧାନ ସେ ଖାଏ
ଗଭୀର ଗାତରେ ଘର ତାହାର
ଦାନ୍ତରେ କାଟେ ସେ ବହି ପତର
କହିକି ପାରିବ ନାମ ତାହାର !

**ଉ : ମୂଷା**

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ , ନାଉଗାଁ, ଜଗତ୍‌ସିଂହପୁର
ମୋ: ୯୬୬୮୮୧୫୩୬୯



# ଉଚ୍ଚତମ ପୋଷ୍ଟ ଅଫିସ୍

ପୋଷ୍ଟ ଅଫିସ ବା ଡାକଘରର ଇତିହାସ ବେଶ୍ ପ୍ରାଚୀନ। ଦିନ ଥିଲା, ଯୋଗାଯୋଗର ଏହା ଏକ ପ୍ରମୁଖ ମାଧ୍ୟମ ଥିଲା। ଏବେ ସମୟ ବଦଳିଛି, ହେଲେ ପୋଷ୍ଟ ଅଫିସର ଚାହିଦା କିଛି କମ୍ ନାହିଁ। ପିଲାମାନେ, ସବୁଠାରୁ ଉଚ୍ଚତମ ପୋଷ୍ଟ ଅଫିସ୍ କେଉଁଠି ଅଛି ତୁମେମାନେ ଜାଣିଛ କି? ଯଦି ତୁମମାନଙ୍କର ଉତ୍ତର ନା, ତେବେ ଆଜି ଏଠାରେ ତୁମକୁ ସେ ବିଷୟରେ ସୂଚନା ଦେଉଛୁ। ବିଶ୍ୱର ଉଚ୍ଚତମ ପୋଷ୍ଟ ଅଫିସ୍ ଆମ ଦେଶରେ ହିଁ ଅବସ୍ଥିତ। ଏହା ହିମାଚଳ ପ୍ରଦେଶର ଲାହୋଲ ଏବଂ ସ୍ପିତି ଜିଲାର ସ୍ପିତି ଘାଟିର ହିକ୍କିମ ନାମକ ଏକ ମଫସଲ ଗ୍ରାମରେ ରହିଛି। ଏହା ସମୁଦ୍ର ପତ୍ତନରୁ ୪୪୪୦ ମିଟର ଉଚ୍ଚତାରେ ଅବସ୍ଥିତ। ଏହି ସ୍ଥାନଟି ଏତେ ଉଚ୍ଚା ହେବାର ଗୋଟିଏ କାରଣ ମଧ୍ୟ ରହିଛି। ଉକ୍ତ ସ୍ଥାନରେ ଶୀତଦିନରେ ଅଧିକ ତୁଷାରପାତ ହେଉ ଥିବାରୁ ରାସ୍ତା ବନ୍ଦ ହୋଇଯାଏ। ଖରାଦିନରେ ଯେତେବେଳେ କୁଞ୍ଜୁମ୍ ଏବଂ ରୋହତାଙ୍ଗରେ ରାସ୍ତା ଫିଟେ, ସେତେବେଳେ ଏହି ବାଟ ଦେଇ ଯିବାଆସିବା ହୋଇଥାଏ। ପୋଷ୍ଟ ଅଫିସ୍‌ର ଆକାର ଲେଟର ବକ୍ସ ସଦୃଶ ହୋଇଛି, ଯାହା ଟୁରିଷ୍ଟ ମାନଙ୍କୁ ଆକର୍ଷିତ କରିଥାଏ। ୧୯୮୩ ନଭେମ୍ବର ୫ ତାରିଖରୁ ଏହି ଡାକଘର ଆରମ୍ଭ ହୋଇଥିଲା।

*"ବରମୁଡା ଘାସ ଆଫ୍ରିକା, ଦକ୍ଷିଣ ଭାରତରେ ଜନ୍ମ ହୋଇଛି। କିନ୍ତୁ ଅଧିକମାତ୍ରାରେ ଏହା ଆମେରିକାର 'ବରମୁଡା' ଦ୍ୱୀପରେ ଦେଖିବାକୁ ମିଳିଥିଲା। ତେଣୁ ସେହି ଦ୍ୱୀପର ନାମ ଅନୁସାରେ ଏହି ଘାସର ନାମ– 'ବରମୁଡା ଘାସ' ରଖାଯାଇଛି । ଏହାର ବୈଜ୍ଞାନିକ ନାମ 'ସାଇନୋଡନ୍‌ଡାକ୍ଟାଇଲନ୍'। ଆମର ଯେମିତି ବାପା, ମା', ଭାଇ, ଭଉଣୀ, ଜେଜେ, ଜେଜେବାପାଙ୍କୁ ନେଇ ଏକ ପରିବାର, ଏହି ଘାସର ମଧ୍ୟ ଧାନ, ଗହମ, ମକା, ବାଜରା ଆଦିକୁ ନେଇ ତା' ପରିବାର ଗଢ଼ା।"*

# ବରମୁଡା ଘାସ





ମଣିଷ ଓ ପ୍ରକୃତି ଦୁଇମିତ୍ର ଭଳି ; ଯେଉଁଠି ଗଛ ମଣିଷର ଶ୍ୱାସ ଲାଗି ଅମ୍ଳଜାନ ଦେଉଛି, ନଦୀ ପିଇବା ପାଇଁ ଜଳଦାନ କରୁଛି ଏବଂ ମାଟି ଖାଇବା ପାଇଁ ଖାଦ୍ୟ ଯୋଗାଇ ଦେଉଛି। ତେବେ ଏତେ ଉପକାର ପାଇବା ସତ୍ତ୍ୱେ ସେ କ'ଣ ପ୍ରକୃତିକୁ ଛାଡ଼ି ବଞ୍ଚିପାରିବ ? ନା, କେବେ ନୁହେଁ। ତେଣୁ ପ୍ରକୃତି ମଣିଷ ଜୀବନର ଏମିତି ଏକ ସୁନ୍ଦର ଅଂଶ, ଯାହାକୁ ସେ କଦାପି ନିଜଠୁ ଅଲଗା କରିପାରିବ ନାହିଁ। ପ୍ରକୃତିରେ ନାନା ପ୍ରକାର ଗଛ ଲତା ମଧ୍ୟରେ ଦୂବ ଏକ ସାଧାରଣ ଘାସଟିଏ। ଏହା ସାଧାରଣ ଘାସଟିଏ ହେଲେ କ'ଣ ହେବ, ତା' ମଧ୍ୟରେ ଯେଉଁ ଅସାଧାରଣ ଗୁଣସବୁ ଅଛି ନା, ସେସବୁ କଥା ଆପଣମାନେ ଜାଣିଲେ ତାହା କଦାପି ବିଶ୍ୱାସ କରିପାରିବେ ନାହିଁ। ଆଜ୍ଞାହଁ! ମୁଁ ସତ କହୁଛି....।

ଜଣାପଡ଼ିଛି ଯେ ଏହି ଘାସ ଆଫ୍ରିକା, ଦକ୍ଷିଣ ଭାରତରେ ଜନ୍ମ ହୋଇଛି। କିନ୍ତୁ ଅଧିକମାତ୍ରାରେ ଏହା ଆମେରିକାର 'ବରମୁଡା' ଦ୍ୱୀପରେ ଦେଖିବାକୁ ମିଳିଥିଲା। ତେଣୁ ସେହି ଦ୍ୱୀପର ନାମାନୁସାରେ ଏହି ଘାସର ନାମ– 'ବରମୁଡ଼ା ଘାସ' ରଖାଯାଇଛି। ଏହାର ବୈଜ୍ଞାନିକ ନାମ 'ସାଇନୋଡନ୍‌ଡାକ୍ଟାଇଲନ୍'। ଆମର ଯେମିତି ବାପା, ମା', ଭାଇ, ଭଉଣୀ, ଜେଜେ, ଜେଜେବାପାଙ୍କୁ ନେଇ ଏକ ପରିବାର ; ଏହି ଘାସର ମଧ୍ୟ ଧାନ, ଗହମ, ମକା, ବାଜରା ଆଦିକୁ ନେଇ ତା' ପରିବାର ଗଢ଼ା। ସେହି ପରିବାରର ନାଁ ହେଲା 'ପୋଏସ୍'। ଏହି ପରିବାରର ସମସ୍ତ ଗଛ ଏକ ବୀଜପତ୍ରୀ ଅର୍ଥାତ୍ ଯେତେବେଳେ ମଞ୍ଜିରୁ ଗଜା ବାହାରେ, ସେତେବେଳେ ଗୋଟିଏ ମାତ୍ର ପତ୍ର ଲମ୍ବା ହୋଇ ଉପରକୁ ଉଠିଥାଏ। ଏହି ଘାସ ଦେଖିବାକୁ ସବୁଜ ରଙ୍ଗର। ଏହା ପ୍ରତିକୂଳ ପରିସ୍ଥିତିରେ ବଞ୍ଚିପାରେ। ଏହାର ଅର୍ଥ ଖରାର ତେଜ ଯେତେ ଅଧିକ ହେଲେ ମଧ୍ୟ ଏଇ ଦୂବଘାସ କେବେ ମରେ ନାହିଁ। ଏହା ଉପରେ ଯେତେ ମଡ଼ାମଡ଼ି କଲେ ବା ମାଟିକୁ କୋଡ଼ିରେ ଚାଞ୍ଛି ସଫା କରିଦେଲେ କିମ୍ବା ତାକୁ ବାରମ୍ବାର କାଟି ସଫା କରିଦେଲେ ମଧ୍ୟ କିଛି ଦିନ ପରେ ଏହା ପୁଣି କଅଁଳି ଉଠିଥାଏ। ଏହା ଅନ୍ୟ ଗଛ ପରି ଅଧିକ ଜଳ ଦରକାର କରେ ନାହିଁ। ଭାରତରେ ଏହି ଘାସକୁ ଅତି ପବିତ୍ର ମନେ କରାଯାଇଯାଏ। ସବୁ ଧାର୍ମିକ ଅନୁଷ୍ଠାନରେ ଏମିତିକି ଆମେ ଆମ ଠାକୁର ଘରେ ପ୍ରତି ପର୍ବପର୍ବାଣିରେ ଏହାକୁ ପୂଜାରେ ବ୍ୟବହାର କରିଥାଉ।



ମଣିଷକୁ ସୁସ୍ଥ ରଖିବାରେ ଏଇ ଘାସର ଭୂମିକା ବହୁ ପୁରାତନ କାଳରୁ ଉପଯୋଗ ହୋଇଆସୁଛି। ବୈଜ୍ଞାନିକଙ୍କ ତଥ୍ୟ ଅନୁସାରେ, ଏହି ଘାସରେ ଅଧିକ ପରିମାଣର ଶକ୍ତିଶାଳୀ ଉପାଦାନ ଯଥା– କ୍ୟାଲସିୟମ୍, ପୋଟାସିୟମ୍, ପ୍ରୋଟିନ୍ ଏବଂ ବ୍ୟାକ୍ଟେରିଆ ବିରୋଧୀ ଗୁଣ ରହିଛି, ଯାହାକି ଛୋଟ ଶିଶୁଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କର ହିତରେ ଆସିଥାଏ।

ଯଦି ଛୋଟ ପିଲା ଖେଳୁଖେଳୁ ପଡ଼ିଯାଇ ଗୋଡ଼ହାତରୁ ରକ୍ତ ଝରେ, ତେବେ ସଙ୍ଗେ ସଙ୍ଗେ ଦୂବଘାସକୁ ଛେଚି ଅବା ତାକୁ ବାଟି ଗୋଟିଏ ସଫା କପଡ଼ା ଭିତରେ ରଖି ଘା' ଉପରେ ବାନ୍ଧିଦେଲେ କିଛି ସମୟ ପରେ ଦେଖିବେ କ୍ଷତରୁ ରକ୍ତଝରିବା ଏକାବେଳକେ ବନ୍ଦ ହୋଇଯାଇଛି ଓ ବିନ୍ଧାଛିଟିକାରୁ ମଧ୍ୟ ଦେହକୁ ଆରାମ ମିଳିବ। ଆଉ କିଛି ଦିନ ପରେ ସେଇ କ୍ଷତ ଜାଗାଟି ପୂରାପୂରି ଭଲ ହୋଇଯାଏ।

ଏହି ଘାସର ରସ ବିଭିନ୍ନ ପେଟସମସ୍ୟାକୁ କେତେକାଂଶରେ ଦୂର କରିଥାଏ। ତେଣୁ ଆୟୁର୍ବେଦରେ ଏହାକୁ ପ୍ରାକୃତିକ ଆଣ୍ଟାସିଡ୍ ବୋଲି ଧରି ନିଆଯାଇଛି। ଏହି ଘାସ, ଯାହାକି ଆମ ବାଡ଼ିଘରେ, ଫୁଲ ଗାମୁଲାରେ, ଘର ଅଗଣାରେ ଯେଉଁଠି ଆଖି ବୁଲେଇବ ସେଇଠାରେ ତାକୁ ପାଇବ। ତା' ଭିତରେ ଏତେ ଔଷଧୀୟ ଗୁଣରହିଛି, ଯେମିତି ସେ ଆମ ଘର ବଇଦ।ଏମିତି ଦେଖିବାକୁ ଗଲେ ଆମ ବାଡ଼ିବଗିଚାରେ ଅନେକ ପ୍ରକାର ଗଛଲତା ଉଠିଥାଏ, ଯାହାର ନାମ ଆମକୁ ଜଣା ନ ଥିବ ବା ସେମାନଙ୍କର ଔଷଧୀୟ ଗୁଣ ବିଷୟରେ ଆମେ ଆଦୌ ଅବଗତ ନ ଥିବୁ। ସେହିସବୁ ଗଛ ଆଜି ଆସ୍ତେ ଆସ୍ତେ ଲୋପ ପାଇଯାଉଛି। ସେହି ଗଛଗୁଡ଼ିକର ଯଦି ଉଚିତ୍ ଯତ୍ନ ନେବା, ତେବେଏହି ଦୂବଘାସ ପରି ବହୁତ ଉପକାର ପାଇପାରିବା ।

**–ମମତା ମହାନ୍ତି,** ଶିକ୍ଷୟିତ୍ରୀ, ଝାଡ଼େଶ୍ୱର ଇଣ୍ଟରନ୍ୟାଶନାଲ ସ୍କୁଲ, ବାଲେଶ୍ୱର, ମୋ : ୮୬୩୭୨୭୨୭୩୯

# ଆଇନା



**ଶିବାଂଶୀ ପଣ୍ଡା**
୭ ବର୍ଷ/ପାରାଦୀପ




**ଏସ୍ଏମ୍ ଶ୍ରେୟାଂଶ**
୭ ବର୍ଷ/ କେନ୍ଦୁଝର